# NATIONAL NEWS BULLETIN (ODIA)

## 19th March - 2026

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢ଼ୁଛନ୍ତି..... **ଆଦିତ୍ୟ ନାରାୟଣ ଦାଶ**

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଏସିଆ ପରିସ୍ଥିତି ନେଇ ଫ୍ରାନ୍‌ସ, ଓମାନ୍ ଓ ମାଲେସିୟାର ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ।
- ପଶ୍ଚିମବଙ୍ଗରେ ଆଗାମୀ ବିଧାନସଭା ନିର୍ବାଚନ ନେଇ ଦ୍ୱିତୀୟ ପ୍ରାର୍ଥୀ ତାଲିକା ଘୋଷଣା କଲା ବି.ଜେ.ପି. ।
- କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍‌ସ ଏବଂ ଅନ୍ୟାନ୍ୟ ଉନ୍ନତ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏମ୍.ଏସ୍.ଏମ୍.ଇ. ସକ୍ରିୟଭାବେ କାର୍ଯ୍ୟ କରୁଛି; କହିଲେ ପ୍ରତିରକ୍ଷା ମନ୍ତ୍ରୀ ।
- ଚଳିତ ଆର୍ଥିକ ବର୍ଷରେ ୨୦୦ଟି ଖଣିଜ ବ୍ଲକ୍ ନିଲାମ ସହିତ ଭାରତ ହାସଲ କରିଛି ଉଲ୍ଲେଖନୀୟ ସଫଳତା ।

ଏବଂ

- ଓର୍‌ଲିନ୍ସ  ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟିନ ଚାମ୍ପିୟନ୍‌ସିପ୍ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହେଲେ ଭାରତୀୟ ପୁରୁଷ ଯୋଡ଼ି ।

## ପି.ଏମ୍. - ଓମାନ ମାଲେସିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଓମାନ୍‌ର ସୁଲ୍‌ତାନ ହାଇଥମ୍ ବିନ୍ ତାରିକ୍‌ଙ୍କ ସହ କଥାବାର୍ତ୍ତା କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଏବଂ ଓମାନ୍ ଆଞ୍ଚଳିକ କ୍ଷେତ୍ରରେ ଉତ୍ତେଜନା ହ୍ରାସ, ଶାନ୍ତି ପ୍ରତିଷ୍ଠା ଏବଂ ସ୍ଥିରତାର ପୁନଃସ୍ଥାପନପାଇଁ ଆଲୋଚନା ଏବଂ କୂଟନୀତିକୁ ପ୍ରାଥମିକତା ଦେବା ଉପରେ ଉଭୟ ନେତା ସହମତ ପ୍ରକାଶ କରିଛନ୍ତି । ଶ୍ରୀ ମୋଦି ଓମାନ୍‌ର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତାର ଉଲ୍ଲଙ୍ଘନ ଉପରେ ତୀବ୍ର ନିନ୍ଦା କରିଛନ୍ତି । ତେବେ ପ୍ରଧାନମନ୍ତ୍ରୀ ଭାରତୀୟ ନାଗରିକଙ୍କ ସମେତ ହଜାର ହଜାର ପ୍ରବାସୀଙ୍କ ସୁରକ୍ଷିତ ସ୍ୱଦେଶ ପ୍ରତ୍ୟାବର୍ତ୍ତନକୁ ସହଜ ଓ ସୁଗମ କରିବାରେ ଓମାନ୍‌ର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଛନ୍ତି ।

ଶ୍ରୀ ମୋଦି ତାଙ୍କର ମାଲେସିଆ ପ୍ରତିପକ୍ଷ ଅନ୍‌ୱାର ଇବ୍ରାହିମ୍‌ଙ୍କ ସହିତ ମଧ୍ୟ ଆଲୋଚନା କରିଥିବାବେଳେ ଆଗାମୀ 'ହରି ରାୟା ଐଦିଲ୍‌ଫିତ୍ରି' ପର୍ବ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ଆଲୋଚନା ସମୟରେ ଉଭୟ ନେତା

ପଶ୍ଚିମ ଏସିଆର ଉଦ୍‌ବେଗଜନକ ପରିସ୍ଥିତି ଉପରେ ମତ ବିନିମୟ କରିଛନ୍ତି । ଉତ୍ତେଜନା ହ୍ରାସ, ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବାପାଇଁ କାର୍ଯ୍ୟକରିବା ଦିଗରେ ଉଭୟ ନେତା ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରିବା ଶ୍ରୀ ମୋଦି କହିଛନ୍ତି ।

## ପି.ଏମ୍. - ଫ୍ରାନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରନ୍‌ଙ୍କ ସହ କଥାବାର୍ତ୍ତା କରିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସେ ପଶ୍ଚିମ ଏସିଆ ପରିସ୍ଥିତି ଉପରେ ଆଲୋଚନା କରିଥିଲେ । ତେବେ ଉତ୍ତେଜନା ହ୍ରାସର ଜରୁରୀ ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ତେବେ ଉଭୟ ନେତା ଏହି ଅଞ୍ଚଳ ଏବଂ ବାହାରେ ଶାନ୍ତି ଓ ସ୍ଥିରତାକୁ ବଜାୟ ରଖିବା ସହ ସମନ୍ୱୟ ରକ୍ଷା କରିବାକୁ ଆଶାପୋଷଣ କରିଛନ୍ତି ।

## ଏମ୍.ଇ.ଏ. ବ୍ରିଫିଙ୍ଗ୍

ଉପସାଗରୀୟ ଅଞ୍ଚଳଗୁଡ଼ିକ ଶକ୍ତି ପ୍ରତିଷ୍ଠାନ ଉପରେ ହେଉଥିବା ଆକ୍ରମଣ ନେଇ ଭାରତ ଚିନ୍ତା ପ୍ରକଟ କରିଛି । ଅନିଶ୍ଚିତତା ମଧ୍ୟରେ ରହିଥିବା

ବିଶ୍ୱ ଶକ୍ତିକ୍ଷେତ୍ରରେ ଏହା ଅଧିକ ଅସ୍ଥିରତା ସୃଷ୍ଟି କରିବ ବୋଲି ବୈଦେଶିକ୍ ବ୍ୟାପାର ମୁଖପାତ୍ର ରଣଧୀର ଜୟଶ୍ୱାଲ୍ କହିଛନ୍ତି । ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଜୟଶ୍ୱାଲ୍' ଏଭଳି ଆକ୍ରମଣକୁ ଯଥାଶୀଘ୍ର ବନ୍ଦ କରିବାକୁ ଦାବି କରିଛନ୍ତି । ଶକ୍ତି ଯୋଗାଣ ସାମ୍ପ୍ରତିକ ପରିସ୍ଥିତିରେ ଏକ ପ୍ରମୁଖ ଚିନ୍ତାର ପ୍ରସଙ୍ଗ ହୋଇଥିବାବେଳେ ଜାହାଜ ଚଳାଚଳ ମାର୍ଗଗୁଡ଼ିକ ମଧ୍ୟ ପ୍ରଭାବିତ ହେଉଛି ବୋଲି ସେ କହିଛନ୍ତି । ଶକ୍ତିକ୍ଷେତ୍ରରେ ନିରନ୍ତରତା ବଜାୟ ରଖିବାକୁ ସରକାର ପ୍ରୟାସ କରୁଛନ୍ତି ଏବଂ ଘରୋଇ ଉପଭୋକ୍ତାଙ୍କୁ ପ୍ରାଥମିକତା ପ୍ରଦାନ କରାଯାଉଛି ବୋଲି ସେ କହିଛନ୍ତି । ପଶ୍ଚିମ ଏସିଆ ଅସ୍ଥିରତା ଉପରେ ଭାରତ ବିଶ୍ୱ ନେତୃବୃନ୍ଦଙ୍କ ସହ ଯୋଗାଯୋଗରେ ରହିଛି । ଏହି ପ୍ରସଙ୍ଗରେ ଭାରତ ସର୍ବଦା ନିଜର ସ୍ୱଷ୍ଟ ଆଭିମୁଖ୍ୟ ପ୍ରକାଶ କରିଛି ବୋଲି ଶ୍ରୀ ଜୟଶ୍ୱାଲ୍ କହିଛନ୍ତି । ବାଂଲାଦେଶ, ଶ୍ରୀଲଙ୍କା ଏବଂ ମାଳଦ୍ୱୀପ ସମେତ ପଡ଼ୋଶୀ ଦେଶଗୁଡ଼ିକ ଶକ୍ତି ସହାୟତା ପାଇଁ ଭାରତକୁ ଅନୁରୋଧ କରିଛନ୍ତି ବୋଲି ଶ୍ରୀ ଜୟଶ୍ୱାଲ୍ କହିଛନ୍ତି ।

ଆଫଗାନିସ୍ତାନରେ ପାକିସ୍ତାନ ବିମାନ ଆକ୍ରମଣ ଉପରେ ଆଲୋକପାତ କରି ଶ୍ରୀ ଜୟଶ୍ୱାଲ୍ କହିଛନ୍ତି, ନାଗରିକ ଭିତ୍ତିଭୂମିକୁ ଲକ୍ଷ୍ୟ କରି ହୋଇଥିବା ଆକ୍ରମଣକୁ ଭାରତ ତୀବ୍ର ନିନ୍ଦା କରିଛି ।

## ବି.ଜେ.ପି. - ସେକେଣ୍ଡ ଲିଷ୍ଟ ଡବ୍ଲ୍ୟୁ.ବି.

ପଶ୍ଚିମବଙ୍ଗରେ ଆଗାମୀ ବିଧାନସଭା ନିର୍ବାଚନ ନେଇ ବି.ଜେ.ପି. ପକ୍ଷରୁ ଆଜି ୧୧୧ ଜଣ ପ୍ରାର୍ଥୀଙ୍କ ଦ୍ୱିତୀୟ ତାଲିକା ପ୍ରକାଶ ପାଇଛି । ପୂର୍ବତନ କେନ୍ଦ୍ରମନ୍ତ୍ରୀ ନିଶିତ ପରମାଣିକ ମାଠଭଙ୍ଗା ବିଧାନସଭା ଆସନରୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ । ପୂର୍ବତନ ରାଜ୍ୟସଭା ସାଂସଦ ରୁପା ଗାଙ୍ଗୁଲୀଙ୍କୁ ମଧ୍ୟ ସୋନାରପୁର ଦକ୍ଷିଣ ଆସନରୁ ପ୍ରାର୍ଥୀ କରାଯାଇଛି । ସେହିପରି କାଲିମ୍ପୋଙ୍ଗ୍ ବିଧାନସଭା ଆସନପାଇଁ ପୂର୍ବତନ ହକି ଖେଳାଳି ଭରତ ଛେତ୍ରିଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ଦାର୍ଜିଲିଂ ବିଧାନସଭା ଆସନରୁ ନୋମାନ୍ ରାଇଙ୍କୁ ପ୍ରାର୍ଥୀ କରାଯାଇଛି । ୨୯୪ ଆସନ ବିଶିଷ୍ଟ ପଶ୍ଚିମବଙ୍ଗ ବିଧାନସଭାପାଇଁ ବି.ଜେ.ପି. ପକ୍ଷରୁ ଏହାକୁ ମିଶାଇ ଏପର୍ଯ୍ୟନ୍ତ ମୋଟ୍ ୨୫୫ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି ।

ଆସନ୍ତାମାସ ୨୩ ଓ ୨୯ ତାରିଖ ଦୁଇଟି ପର୍ଯ୍ୟାୟରେ ଭୋଟ୍‌ଗ୍ରହଣ କରାଯିବା ସହ ମଇ ମାସ ୪ ତାରିଖରେ ଭୋଟ୍‌ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ।

## ରାଜନାଥ - ଡିଫେନ୍ସ କନ୍‌କ୍ଲେଭ୍

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଆଗାମୀ କିଛିବର୍ଷ ମଧ୍ୟରେ ଦେଶକୁ ସ୍ୱଦେଶୀ ଡ୍ରୋନ୍ ଉତ୍ପାଦନର ଏକ ବିଶ୍ୱକେନ୍ଦ୍ର ଭାବେ ପ୍ରତିଷ୍ଠା କରିବା ଦିଗରେ ମିଶନ ମୋଡ୍‌ରେ କାର୍ଯ୍ୟ କରିବାକୁ ପଡ଼ିବ । ନୂଆଦିଲ୍ଲୀରେ ଜାତୀୟ ପ୍ରତିରକ୍ଷା ଶିଳ୍ପ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ସିଂହ କହିଛନ୍ତି, ରଣନୈତିକ ସ୍ୱାୟତ୍ତତା ସୁନିଶ୍ଚିତ କରିବା, ପ୍ରତିରକ୍ଷା ପ୍ରସ୍ତୁତିକୁ ବୃଦ୍ଧି କରିବା ସହ ଭୂ-ରାଜନୈତିକ ଅନିଶ୍ଚିତତାକୁ ଦୃଷ୍ଟିରେ ରଖି ଦେଶକୁ ଆତ୍ମନିର୍ଭରଶୀଳ କରିବାପାଇଁ ଏକ ଡ୍ରୋନ୍ ଉତ୍ପାଦନ ଇକୋ ସିଷ୍ଟମ୍ ନିର୍ମାଣ କରିବାର ଆବଶ୍ୟକତା ରହିଛି ।

ଶ୍ରୀ ସିଂହ କହିଛନ୍ତି, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ - ଏମ୍.ଏସ୍.ଏମ୍.ଇ. ଗୁଡ଼ିକ ଦେଶର ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ଉଭା ହୋଇଛନ୍ତି । ସେ କହିଛନ୍ତି, ଅନେକ ଏମ୍.ଏସ୍.ଏମ୍.ଇ. ସକ୍ରିୟ ଭାବରେ କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ ଏବଂ ଅନ୍ୟାନ୍ୟ ଉନ୍ନତ ପ୍ରଯୁକ୍ତି ବିଦ୍ୟା ଭଳି କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ଏକ ଦୃଢ଼ ଏବଂ ଅନ୍ତର୍ଭୁକ୍ତ ପ୍ରତିରକ୍ଷା ଶିଳ୍ପ ଇକୋ ସିଷ୍ଟମ୍ ସୃଷ୍ଟି କରିବାପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଶ୍ରୀ ସିଂହ ଦୋହରାଇଛନ୍ତି । ସେ କହିଛନ୍ତି, ଏମ୍.ଏସ୍.ଏମ୍.ଇ. ଇକୋ ସିଷ୍ଟମ୍, ଷ୍ଟାର୍ଟଅପ୍ ଏବଂ ଯୁବ ଉଦ୍ଭାବକମାନଙ୍କୁ ଦେଶର ପ୍ରତିରକ୍ଷା କ୍ଷମତାର ଭବିଷ୍ୟତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ସକ୍ଷମ କରିବ । ଉଦ୍‌ଘାଟନୀ ଅଧିବେଶନରେ ଶ୍ରୀ ସିଂହ ଆଇ-ଡେକ୍ସ ଫ୍ରେମ୍‌ୱାର୍କ ଅଧୀନରେ ପ୍ରତିରକ୍ଷା ଭାରତ ଷ୍ଟାର୍ଟଅପ୍ ଆହ୍ୱାନର ଚତୁର୍ଦ୍ଦଶ ସଂସ୍କରଣ ଏବଂ

ଅଦିତି ଚ୍ୟାଲେଞ୍ଜ୍‌ର ଚତୁର୍ଥ ସଂସ୍କରଣର ଶୁଭାରମ୍ଭ କରିଥିଲେ । ସେହିପରି ଏମ୍.ଏସ୍.ଏମ୍.ଇ.ଗୁଡ଼ିକୁ ସୁଦୃଢ଼ କରିବାରେ ସରକାରଙ୍କଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରି ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ, ଚଳିତ ବର୍ଷ କେନ୍ଦ୍ର ବଜେଟ୍‌ରେ ଏମ୍.ଏସ୍.ଏମ୍.ଇ.ଗୁଡ଼ିକୁ ସମାନତା ପ୍ରଦାନ ସହ ବୃତ୍ତିଗତ ସହାୟତା ପ୍ରଦାନ କରିବାପାଇଁ ତ୍ରିସ୍ତରୀୟ ପଦ୍ଧତି ପ୍ରଚଳନ କରାଯାଇଛି ।

## କୋଲ୍ ସେକ୍ଟର - ବ୍ଲକ୍ସ

ଚଳିତ ଆର୍ଥିକ ବର୍ଷରେ ୨୦୦ଟି ଖଣିଜ ବ୍ଲକ୍‌ର ନିଲାମ ସହିତ ଭାରତ ଖଣିଜ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । କୋଇଲା ମନ୍ତ୍ରଣାଳୟ କହିଛି, ଗୋଟିଏ ବର୍ଷ ମଧ୍ୟରେ ଏହା ହେଉଛି ସର୍ବାଧିକ ଖଣିଜ ବ୍ଲକ୍ ନିଲାମୀ । କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଦୃଢ଼ ସହଯୋଗ ଏବଂ ଦେଶର ନିଲାମ ଆଧାରିତ ଖଣିଜ ଆବଣ୍ଟନ ବ୍ୟବସ୍ଥାର ସ୍ୱଚ୍ଛ ପରିଚାଳନାକୁ ଏହା ପ୍ରତିପାଦନ କରୁଛି । ନିଲାମ ହେଉଥିବା ୨୦୦ଟି ବ୍ଲକ୍ ମଧ୍ୟରୁ ୧୨୩ଟି ଖଣି ଲିଜ୍ ଏବଂ ୭୭ଟି କମ୍ପୋଜିଟ୍ ଲାଇସେନ୍ସ ବ୍ଲକ୍ ଅନ୍ତର୍ଭୁକ୍ତ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

# ଇ.ସି.ଆଇ. - ଭୋଟର୍ସ ଫାସିଲିଟି

ଆସାମ, କେରଳ, ପୁଡୁଚେରୀ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗରେ ହେବାକୁ ଥିବା ବିଧାନସଭା ନିର୍ବାଚନ ସହ ୬ଟି ରାଜ୍ୟର ଉପନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ୍ ୮୫ ବୟସରୁ ଅଧିକ ବୟସ୍କ ଭୋଟର ଏବଂ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ପୋଷ୍ଟାଲ୍ ବାଲାଟ୍ ଭୋଟିଂ ସୁବିଧା ପ୍ରଦାନ ପାଇଁ ଅନୁମତି ଦେଇଛନ୍ତି । ଯୋଗ୍ୟ ଭୋଟର୍‌ମାନେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବାର ୫ ଦିନ ମଧ୍ୟରେ 12-D Form ମାଧ୍ୟମରେ ସେମାନଙ୍କର ବୁଥ୍‌ସ୍ତରୀୟ ଅଧିକାରୀଙ୍କ ସହାୟତାରେ ଆବେଦନ କରିପାରିବେ ବୋଲି କୁହାଯାଇଛି । ଭୋଟ୍ ସଂଗ୍ରହ ପାଇଁ ଭୋଟ୍‌ସଂଗ୍ରହ ଦଳଗୁଡ଼ିକ ଭୋଟର୍‌ଙ୍କ ବାସଭବନକୁ ପରିଦର୍ଶନ କରିବେ । ଏହି ପ୍ରକ୍ରିୟାରେ ପ୍ରାର୍ଥୀମାନଙ୍କ ସୁବିଧା ଏବଂ ଗୋପନୀୟତାକୁ ସୁରକ୍ଷିତ ରଖାଯିବ । ସ୍ୱାସ୍ଥ୍ୟ, ଅଗ୍ନିଶମ ସେବା, ବିଦ୍ୟୁତ୍, ପରିବହନ ଏବଂ ବିମାନ ଭଳି ଅତ୍ୟାବଶ୍ୟକ ସେବାରେ ନିୟୋଜିତ ଥିବା ଭୋଟର୍‌ମାନଙ୍କୁ ନିଯୁକ୍ତ ନୋଡାଲ୍ ଅଧିକାରୀଙ୍କ ମାଧ୍ୟମରେ ପୋଷ୍ଟାଲ୍ ବାଲାଟ୍‌ର ସୁବିଧା ଯୋଗାଇଦେବାକୁ କମିଶନ୍ ଅନୁମତି ଦେଇଛନ୍ତି । ସେହିପରି ଭୋଟ୍‌ଗ୍ରହଣ ଦିନ ଏହାର ପ୍ରସାରଣପାଇଁ ଅଧିକାରପ୍ରାପ୍ତ ଗଣମାଧ୍ୟମ କର୍ମଚାରୀଙ୍କୁ ମଧ୍ୟ ଏହି ବର୍ଗରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି କମିଶନ୍‌ଙ୍କ ପକ୍ଷରୁ କୁହାଯାଇଛି ।

# ବ୍ୟାଡ୍‌ମିଣ୍ଟନ୍ - ଓର୍‌ଲିନ୍‌ସ ମାଷ୍ଟର୍ସ

ଓର୍‌ଲିନ୍ସ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ୍‌ସିପ୍ ପ୍ରତିଯୋଗିତାରେ ଭାରତର ପୁରୁଷ ଯୋଡ଼ି କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଫ୍ରାନ୍‌ସର ପାଲାଇସ୍ ଡେସ୍ ସ୍ପୋର୍ଟସଠାରେ ଖେଳାଯାଉଥିବା ମ୍ୟାଚ୍‌ରେ ଭାରତର ଅର୍ଜୁନ ମାଦାଥିଲ୍ ରାମଚନ୍ଦ୍ରନ୍ ଓ ହରିହରନ୍ ଅମ୍‌ଶକରୁଣାନ୍‌ଙ୍କ ଯୋଡ଼ି’ ସ୍କଟ୍‌ଲାଣ୍ଡର ଆଲୋକ୍‌ଜାଣ୍ଡା ଡୁନ୍ ଓ ଆଦାମ୍ ପ୍ରିଙ୍ଗ୍‌ଲେଙ୍କ ଯୋଡ଼ିକୁ ୨୬-୨୪ ଓ ୨୧-୧୪ ସେଟ୍‌ରେ ପରାସ୍ତ କରିଛନ୍ତି ।

ଏକକ ପୁରୁଷ ବର୍ଗରେ ଆଜି ଭାରତର ଆୟୁଷ୍ ସେଟ୍ଟି ଏବଂ ଜାପାନର ୟୁଦାୟି ଓକିମୋଟୋଙ୍କ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

ମହିଳା ଏକକ ବର୍ଗରେ ଭାରତର ଅନ୍‌ମୋଲ୍ ଖର୍ବ ଏବଂ ତନ୍‌ଭୀ ଶର୍ମାଙ୍କ ମଧ୍ୟରେ ଆଜି ସନ୍ଧ୍ୟାରେ ମୁକାବିଲା ହେବ । ଅନ୍ୟ ଏକ ମ୍ୟାଚ୍‌ରେ ମାଳବିକା ବନ୍‌ସୋଦ୍’ ମାଲେସିୟାର ଓ୍ୱୋଙ୍ଗ୍ ଲିଙ୍ଗ୍ ଚିଙ୍ଗ୍ ପରସ୍ପରକୁ ଭେଟିବେ ।

*****